ଗୁରୁବାର, ଫେବୃଆରୀ ୨୨, ୨୦୧୮

# 'ଭାଷାକୁ ଭୁଲ ନାହିଁ'

ଜଟଣୀ, ୨୧।୨(ନି.ପ୍ର): ଜଟଣୀ ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟି ପରିସରରେ ବୁଧବାର ଆନ୍ତର୍ଜାତିକ ଭାଷା ଦିବସ ପାଳିତ ହୋଇଯାଇଛି ।

ପ୍ରଫେସର ସୌଭାଗ୍ୟ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ନିଜ ଭାଷାକୁ ଆଦୌ ଭୁଲିଯିବା ଉଚିତ ନୁହେଁ ଏବଂ ମାତୃଭାଷାକୁ ସମ୍ମାନ ଦେବାକୁ ସେ କହିଥିଲେ । ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଭି.ରାଜାକୁମାର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ । ଭାରତରେ ବିଭିନ୍ନ ଭାଷା ରହିଥିବା ବେଳେ ନିଜର ମାତୃଭାଷା ପାଇଁ ଗର୍ବ ଅନୁଭବ କରିବା ସହ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ଉପରେ ସେ ମତ ରଖିଥିଲେ । କୁଳସଚିବ ଦେବରାଜ ରଥ ମାତୃଭାଷାକୁ ପ୍ରାଧାନ୍ୟ ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ । ସହକାରୀ କୁଳସଚିବ ଡ଼. ଏସ.ଏନ.ରାଉରାୟ ଧନ୍ୟବାଦ ଦେଇଥିଲେ ।



ପ୍ରଗତିବାଦୀ, ଗୁରୁବାର, ଫେବ୍ରୁଆରୀ ୨୨, ୨୦୧୮

ପୃଷ୍ଠା-୮



ଜଟଣୀ ଆଇଆଇଟି କ୍ୟାମ୍ପସରେ ବିଶ୍ୱ ମାତୃଭାଷା ଦିବସ